# Launching of e-Panchayat Sabha in the State of Odisha

## News Clips

ସମ୍ବାଦ ୧୦୩
୬ ମାର୍ଚ୍ଚ, ୨୦୨୩
୯

### ରାଜ୍ୟସ୍ତରୀୟ ଜୟନ୍ତୀ ଓ ଲୋକସେବା ଦିବସ

# ସମୟଠୁ ବହୁ ଆଗରେ ଥିଲେ ବିଜୁବାବୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୩(ଭୁ.ପ୍ର): ବିଜୁବାବୁ ସମୟଠାରୁ ବହୁ ଆଗରେ ଥିଲେ। ତାଙ୍କ ଦୂରଦୃଷ୍ଟିର ସୁଫଳ ଆଜି ଆମେ ଅନୁଭବ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ଲୋକସେବା ଦିବସ କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆଜି ଆମର ପ୍ରିୟ ନେତା ବିଜୁ ବାବୁଙ୍କ ଜନ୍ମ ଦିବସ। ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।



ମୁଖ୍ୟମନ୍ତ୍ରୀ କହିଥିଲେ, କଳିଙ୍ଗନଗର ହେଉ ବା ୩୦ଟି ନୂଆ ଜିଲା ବା ମହିଳା ସଶକ୍ତୀକରଣ ବା ପଞ୍ଚାୟତ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା; ସବୁ କ୍ଷେତ୍ରରେ ସେ ଇତିହାସ ସୃଷ୍ଟି କରିଯାଇଛନ୍ତି। ତାଙ୍କର ବ୍ୟକ୍ତିତ୍ୱ ଥିଲା ସାହସ ଓ ମାନବିକତାର ସୁନ୍ଦର ସୁଯୋଗ। ସେ ଆକାଶରେ ଉଡୁଥିଲେ। କିନ୍ତୁ ମାଟିର ମଣିଷର ସ୍ୱପ୍ନ ସହ ନିଜକୁ ଯୋଡ଼ି ପାରିଥିଲେ। ସେଥିପାଇଁ ମୃତ୍ୟୁର ୨୫ବର୍ଷ ପରେ ମଧ୍ୟ ସେ ପ୍ରଭାବଶାଳୀ ରହିଛନ୍ତି ଓ ରହିବେ। ସାଢ଼େ ଚାରିକୋଟି ଓଡ଼ିଆ ଆଜି ସ୍ୱାଭିମାନର ସହ ନିଜ ଅସ୍ମିତାକୁ ଜାହିର କରିପାରୁଛନ୍ତି। ଓଡ଼ିଶାର ବିକାଶ ଯାତ୍ରାରେ ବିଜୁ ବାବୁଙ୍କ ଆଶୀର୍ବାଦ ସବୁବେଳେ ଆମ ସାଥିରେ ରହିଛି। ଆଜିର ଦିନରେ ସଂକଳ୍ପ ନେବା ସହ ଓଡ଼ିଶା ମା'ର ଗୌରବ ବୃଦ୍ଧି ପାଇଁ କାମ କରିଚାଲିଲେ ତାହା ହେବ ବିଜୁ ବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ପଞ୍ଚାୟତିରାଜ ଓ ପାନୀୟ ଜଳ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବିଜୁବାବୁଙ୍କ ଭୂମିକା ବର୍ଣ୍ଣନା କଲେ ଦୀର୍ଘ ଇତିହାସ ହେବ ବୋଲି କହିଛନ୍ତି। ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ବିଜୁବାବୁଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ଅବିସ୍ମରଣୀୟ ଗୁଣାବଳୀଗୁଡ଼ିକର ସ୍ମୃତିଚାରଣ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ପ୍ରାରମ୍ଭରେ ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ

## 'ଇ-ପଞ୍ଚାୟତ ସଭା' ଅନ୍‌ଲାଇନ୍ ଆପର ଶୁଭାରମ୍ଭ

ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ 'ଇ-ପଞ୍ଚାୟତ ସଭା' ଅନ୍‌ଲାଇନ୍ ଆପ୍‌ର ଶୁଭାରମ୍ଭ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦକୁ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ବିଜୁବାବୁଙ୍କ ଜୀବନୀ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀକୁ ମନ୍ତ୍ରୀ ଶ୍ରୀ ଅମାତ ଉଦ୍‌ଘାଟନ କରିଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଥିରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବରିଷ୍ଠ ଅଧିକାରୀ, ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପଞ୍ଚାୟତିରାଜ ପ୍ରତିନିଧି, ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସକାଳେ ମୁଖ୍ୟମନ୍ତ୍ରୀ ବିଧାନସଭା ଯାଇ ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

